Food and Agriculture Organization of the United Nations
Ministry of Agriculture & Farmers' Welfare
Ministry of Environment, Forest and Climate Change
LiFE Lifestyle for Environment
Govt. Of Odisha
gef global environment facility

# ଗ୍ରୀନ ଇକୋ-କ୍ଲବ



ଗ୍ରୀନ୍-ଏଜି ପ୍ରକଳ୍ପ
ଶିମିଳିପାଳ ଲ୍ୟାଣ୍ଡସ୍କେପ୍, ଓଡ଼ିଶା

## ଗ୍ରୀନ ଇକୋ-କ୍ଲବ




ଗ୍ରୀନ୍-ଏଜି ପ୍ରକଳ୍ପ ଅଞ୍ଚଳରେ ଗଠନ କରାଯାଇଥିବା ଇକୋ-କ୍ଲବ୍ ଏକ ସ୍ୱେଚ୍ଛାସେବୀ ସଂଘ, ଯାହା ମାଧ୍ୟମରେ ଛାତ୍ର ଛାତ୍ରୀ ଏବଂ ଯୁବକ ଯୁବତୀ ମାନେ ପରିବେଶ ସମ୍ବନ୍ଧରେ ଶିକ୍ଷାଗ୍ରହଣ କରିଥାନ୍ତି। ଏହା ମାଧ୍ୟମରେ ସେମାନଙ୍କର ଦକ୍ଷତା ବୃଦ୍ଧି ହେବା ସହିତ ସ୍ଥାନୀୟ ପରିବେଶର ସୁରକ୍ଷା ନିମନ୍ତେ ସଠିକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଆଗଭର ହୋଇଥାନ୍ତି। ଇକୋ-କ୍ଲବ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାର ପରିସରକୁ ପରିବ୍ୟାପ୍ତ କରିବା ନିମନ୍ତେ ଏକ ଉତ୍ତମ ବ୍ୟବସ୍ଥା। ଶିକ୍ଷାଗ୍ରହଣ ପ୍ରକ୍ରିୟାକୁ ସୁଦୃଢ଼ କରିବା, କଳା ଓ ସୃଜନଶୀଳତାକୁ ଉତ୍ସାହିତ କରିବା, ଗଠନମୂଳକ କାର୍ଯ୍ୟ କରିବା ନିମନ୍ତେ ସହଯୋଗ କରିବା, ଦାୟିତ୍ୱବୋଧତା ସମ୍ପର୍କରେ ସଚେତନ କରାଇବା ଏବଂ ସ୍ଥାନୀୟ ଜୈବ ବିବିଧତା ଏବଂ ପରିବେଶର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଇକୋ କ୍ଲବର ପ୍ରାଥମିକ ଲକ୍ଷ୍ୟ। ଇକୋ-କ୍ଲବ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକଳାପରେ ଛାତ୍ରଛାତ୍ରୀ / ଯୁବକ ଯୁବତୀମାନେ ଅଂଶଗ୍ରହଣ କରିବା ଦ୍ୱାରା ସେମାନଙ୍କର ପାରମ୍ପରିକ ସଂସ୍କୃତି, ସ୍ଥାନୀୟ ଭାବରେ ଉପଲବ୍ଧ ଥିବା ଗଛ ଲତା ଓ ଜୀବଜନ୍ତୁଙ୍କ ପ୍ରତି ଆତ୍ମୀୟତା ଭାବନା ସୃଷ୍ଟି ହେବ ଏବଂ ଭବିଷ୍ୟତରେ ସେମାନେ ଏକ ଦାୟିତ୍ୱବାନ ନାଗରିକ ହୋଇପାରିବେ ଏବଂ ଏକ ଦାୟିତ୍ୱବାନ ନାଗରିକ ଭାବରେ ନିଜର ସ୍ଥାନୀୟ ପରିବେଶର ସୁରକ୍ଷା ଓ ବିକାଶ ପାଇଁ ଆଗଭର ହେବ ।

## ଗ୍ରୀନ- ଏଜି ପ୍ରକଳ୍ପ

ଭାରତୀୟ କୃଷି କ୍ଷେତ୍ରରେ ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ ଏବଂ ସୁସ୍ଥାୟୀ ଭୂମି ପରିଚାଳନା ଅଭ୍ୟାସକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଗ୍ରୀନ୍-ଏଜି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଭାରତର ପାଞ୍ଚଟି ରାଜ୍ୟ ଯଥା- ମଧ୍ୟପ୍ରଦେଶ, ମିଜୋରାମ, ଓଡ଼ିଶା, ରାଜସ୍ଥାନ ଏବଂ ଉତ୍ତରାଖଣ୍ଡ ଲ୍ୟାଣ୍ଡସ୍କେପ ମାଧ୍ୟମରେ ବିଶ୍ୱ ଓ ଜାତୀୟ ପରିବେଶର ହିତସାଧନ ଏବଂ ଏହାର ସୁରକ୍ଷା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ବନ୍ୟଜନ୍ତୁ, ଗଛଲତା ଓ ଫସଲ ସମେତ ବିଭିନ୍ନ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦରେ ଭରପୂର ଓଡିଶାର ଶିମିଳିପାଳ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି। କୃଷି ଜୈବ ବିବିଧତା ନଷ୍ଟ ହେବା, ପ୍ରାକୃତିକ ସମ୍ପଦର ଅସ୍ଥାୟୀ

୧. ଜୈବ ବିବିଧତାର ସୁରକ୍ଷା (BD)



୨. ସୁସ୍ଥାୟୀ ଜମି ପରିଚାଳନା (SLM)



୩. ଜଳବାୟୁ ପରିବର୍ତ୍ତନର ପ୍ରଶମନ (CCM)



୪. ସୁସ୍ଥାୟୀ ଜଙ୍ଗଲ ପରିଚାଳନା (SFM)



ବ୍ୟବହାର, ରୂପାନ୍ତରିତ ଚାଷ ପଦ୍ଧତି ଗ୍ରହଣ କରିବା ଏବଂ ଜଙ୍ଗଲ ଜମିକୁ ଖଣି ଖନନ ଭଳି ଅନ୍ୟାନ୍ୟ ଜମିରେ ପରିଣତ କରିବା କାରଣରୁ ଏହି ଅଞ୍ଚଳ ବିଭିନ୍ନ ବିପଦର ସମ୍ମୁଖୀନ ହେଉଅଛି । ତେଣୁ ଏଭଳି ପରିସ୍ଥିତିରେ ପ୍ରକଳ୍ପ ଅଞ୍ଚଳରେ ଛାତ୍ର ଛାତ୍ରୀ ଓ ଯୁବକ ଯୁବତୀ ମାନଙ୍କୁ ସେମାନଙ୍କର ସ୍ଥାନୀୟ ପରିବେଶ, ବୃକ୍ଷରାଜି, ଜୀବଜନ୍ତୁ ଏବଂ ପରିବେଶର ସ୍ଥାୟିତ୍ୱ ଓ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ଅତ୍ୟନ୍ତ ଆବଶ୍ୟକ ହୋଇଛି ।

## ଶିମିଳିପାଳ ଅଞ୍ଚଳରେ ଗ୍ରୀନ ଇକୋ-କ୍ଲବ୍

ଏହି ପ୍ରକଳ୍ପ ଶିମିଳିପାଳ ଅଞ୍ଚଳରେ ବିଭିନ୍ନ ବୟସ, ଲିଙ୍ଗ ଏବଂ ସାମାଜିକ ବର୍ଗର ଛାତ୍ର ଛାତ୍ରୀ ଏବଂ ଯୁବକ ଯୁବତୀ ମାନଙ୍କୁ ଅନ୍ତର୍ଭୁକ୍ତ କରି ସ୍ଥାନୀୟ ଶିକ୍ଷାନୁଷ୍ଠାନ ଗୁଡିକ ସହିତ ମିଶି କାର୍ଯ୍ୟ କରୁଅଛି । ବର୍ତ୍ତମାନ ଗ୍ରୀନ-ଏଜି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬୬ ଟି ଗ୍ରାମରେ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ସ୍ଥାନୀୟ ଜୈବ ବିବିଧତା ଏବଂ ଏହି ପରିବେଶର ଗୁରୁତ୍ୱ ସମ୍ପର୍କରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ । ଏହି ଅଞ୍ଚଳରେ ୯୧ ଟି ବିଦ୍ୟାଳୟ ମଧ୍ୟରୁ ୩୧ ଟି ବିଦ୍ୟାଳୟରେ (ଉଚ୍ଚ ପ୍ରାଥମିକ ବିଦ୍ୟାଳୟ - ୧୬ଟି ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫ଟି) ରେ ଇକୋ କ୍ଲବ ରହିଅଛି । ସ୍କୁଲ ପିଲାଙ୍କ ମଧ୍ୟରେ ନିଜ ପରିବେଶ ଓ ପାରମ୍ପରିକ ଖାଦ୍ୟ ପାଇଁ ଗର୍ବ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଇକୋ କ୍ଲବ୍ ମାଧ୍ୟମରେ ଗ୍ରୀନ୍ ଇକୋ କ୍ଲବ୍‌ର ବିଭିନ୍ନ କାର୍ଯ୍ୟକଳାପ କାର୍ଯ୍ୟକାରୀ କରାଯିବ । ଭବିଷ୍ୟତରେ ଏହି ପ୍ରକଳ୍ପ ଅଞ୍ଚଳର ଅନ୍ୟ ଗ୍ରାମ ଗୁଡିକରେ ଏହି କାର୍ଯ୍ୟ କରିବା ସହିତ ଅଧିକ ସଂଖ୍ୟକ ଇକୋ-କ୍ଲବ୍ ଏହି ପ୍ରକ୍ରିୟାରେ ଯୋଡି ହେବେ ।

## ଗ୍ରୀନ୍ ଇକୋ କ୍ଲବର ଲକ୍ଷ୍ୟ

- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସ୍ଥାନୀୟ ପରିବେଶ, ଜୈବ ବିବିଧତା, ଜଙ୍ଗଲ, ପାରମ୍ପରିକ ଫସଲ ପ୍ରଜାତି, ଚାଷ ପ୍ରଣାଳୀ ଏବଂ ଜଳବାୟୁ ପରିବର୍ତ୍ତନର କାରଣ ସମ୍ବନ୍ଧରେ ସଚେତନ କରାଇବା ।
- ପରିଷ୍କାର ଓ ସବୁଜ ପରିବେଶ ସୃଷ୍ଟି ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।
- ସ୍ଥାନୀୟ ଜୈବ ବିବିଧତା ଏବଂ ଏହାର ସ୍ୱତନ୍ତ୍ରତା ପାଇଁ ଛାତ୍ରଛାତ୍ରୀଙ୍କ ମନରେ ଗର୍ବ ଭାବନା ସୃଷ୍ଟି କରିବା ।
- ଦୀର୍ଘ ସ୍ଥାୟୀ ଏବଂ ନିରାମୟ ଜୀବନଯାପନ ପାଇଁ ଉତ୍ତମ ଅଭ୍ୟାସ ଏବଂ ଜୀବନଶୈଳୀ ଆପଣେଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ।



## ଛାତ୍ରଛାତ୍ରୀ ମାନଙ୍କୁ ସମ୍ପୃକ୍ତ କରିବା ରଣନୀତି

ଗ୍ରୀନ୍ ଇକୋ କ୍ଲବ୍ ପକ୍ଷରୁ ବିଶ୍ୱ, ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ପରିବେଶ ଦିବସରେ ନିରନ୍ତର କୃଷି ଓ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଭିନ୍ନ ସଚେତନତା କର୍ମଶାଳା ଓ ଅଭିଯାନ ଆୟୋଜନ କରାଯିବ। ଗ୍ରୀନ-ଏଜି ପ୍ରକଳ୍ପର ମୁଖ୍ୟ ଚାରୋଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଦୃଷ୍ଟିରେ ରଖି ଇକୋକ୍ଲବ ଆକ୍ଟିଭିଟି କ୍ୟାଲେଣ୍ଡରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ନିମନ୍ତେ ଯୋଜନା କରାଯାଇଅଛି। ଗ୍ରୀନ-ଏଜି ପ୍ରକଳ୍ପ ଟିମ୍ ସ୍କୁଲ ଶିକ୍ଷକଙ୍କ ସହଯୋଗରେ ବିଭିନ୍ନ ତଥ୍ୟ ଭିତ୍ତିକ ଶିକ୍ଷଣୀୟ ଉପକରଣ ଯଥା - ଲିଫ୍‌ଲେଟ, ବ୍ରୋଚର ଏବଂ ଫ୍ଲାୟାର ପ୍ରସ୍ତୁତ କରିବେ, ଯାହା ବିଭିନ୍ନ କାର୍ଯ୍ୟକଳାପ ସମୟରେ ପିଲାମାନଙ୍କୁ ବଣ୍ଟନ କରାଯିବ। ଏହା ପିଲାମାନଙ୍କର ସଚେତନତା ଓ ଜ୍ଞାନ ବୃଦ୍ଧିରେ ସହାୟକ ହେବ। ପ୍ରକଳ୍ପ ଟିମ୍ ବୃକ୍ଷରୋପଣ ଅଭିଯାନ ପାଇଁ ବୃକ୍ଷରୋପଣ ସାମଗ୍ରୀର ବ୍ୟବସ୍ଥା କରିବା ସହ ବୃକ୍ଷରୋପଣ ଓ ତାର ରକ୍ଷଣାବେକ୍ଷଣ ନିମନ୍ତେ ପିଲାମାନଙ୍କୁ ପ୍ରୋତ୍ସାହିତ କରିବେ।

ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରକଳ୍ପ ମାଧ୍ୟମରେ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି।

### ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ପୃକ୍ତ କରିବା ଯୋଜନା



# ଜୈବ ବିବିଧତା ସଂରକ୍ଷଣ ଦିଗରେ ଏକ ପଦକ୍ଷେପ





ଚିତ୍ର- ୧
ଗ୍ରାମବାସୀ  ଛାତ୍ରଛାତ୍ରୀଙ୍କ ଦ୍ୱାରା
ବୃକ୍ଷରୋପଣ



ଚିତ୍ର- ୨
ଚାଷରେ ଜୈବିକ ସାର ବ୍ୟବହାରର
ଗୁରୁତ୍ୱ ସମ୍ବନ୍ଧରେ ଶିକ୍ଷା ପ୍ରଦାନ



ଚିତ୍ର- ୩
ପ୍ରକୃତିର ସଂରକ୍ଷଣ ନିମନ୍ତେ
ସମ୍ବେଦନଶୀଳତା

Photos: © PD Watershed, Mbj

# ଗ୍ରୀନ୍ ଇକୋ କ୍ଲବ୍ ମାଧ୍ୟମରେ ପାଳନ କରାଯିବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିବସ

| ଗୁରୁତ୍ୱପୂର୍ଣ୍ଣ ଦିବସ | ଏହି ଦିନର ମହତ୍ତ୍ୱ | ଜୈବ ବିବିଧତାର ସୁରକ୍ଷା (BD), ଜମି ଅବକ୍ଷୟକୁ ରୋକିବା (LD), ଜଳବାୟୁ ପରିବର୍ତ୍ତନ ହ୍ରାସ (CCM) ଏବଂ ସ୍ଥାୟୀ ଜଙ୍ଗଲ ପରିଚାଳନା (SFM) ସହ ସମନ୍ୱୟ | ପ୍ରସ୍ତାବିତ କାର୍ଯ୍ୟକଳାପ | ଶିକ୍ଷଣୀୟ ବିଷୟବସ୍ତୁ |
|---|---|---|---|---|
| ପୃଥିବୀ ଦିବସ ଏପ୍ରିଲ ୨୨ | ପୃଥିବୀ ଦିବସ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ପରିବେଶ ପ୍ରସଙ୍ଗରେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି, ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଆମ ପୃଥିବୀର ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ଲୋକଙ୍କୁ ଏକତ୍ରିତ କରିବାରେ ସହାୟକ ହେବ। | ପୃଥିବୀ ମାତାକୁ ସୁରକ୍ଷା ଦେବା ପାଇଁ ଜୈବ ବିବିଧତାର ସଂରକ୍ଷଣ, ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଶମନ ନିମନ୍ତେ ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ଭାବରେ ସଚେତନତା ସୃଷ୍ଟି କରିବା । | » ବିଦ୍ୟାଳୟ ପରିସର ସଫେଇ ଓ ବର୍ଜ୍ୟବସ୍ତୁର ଯାଞ୍ଚ କରିବା।<br>» ବଗିଚା ସୃଷ୍ଟି ବା ବୃକ୍ଷରୋପଣ କରିବା।<br>» ପୃଥିବୀ ସଙ୍କ୍ରାନ୍ତରେ ଚିତ୍ର / କୁଇଜ୍ ପ୍ରତିଯୋଗିତା ଆୟୋଜନ।<br>» ପରିବେଶ ଅନୁକୂଳ କର୍ମଶାଳା (ଉଦାହରଣ ସ୍ୱରୂପ, ବ୍ୟବହୃତ ଦ୍ରବ୍ୟର ପୁନଃ ପ୍ରକ୍ରିୟାକରଣ, ଜୈବିକ ଖତ ପ୍ରସ୍ତୁତି) | ଛାତ୍ରଛାତ୍ରୀ ମାନେ ପରିବେଶ ସଙ୍କ୍ରାନ୍ତୀୟ ସମସ୍ୟା ସମ୍ବନ୍ଧରେ ବୁଝିପାରିବେ, ସୁସ୍ଥାୟୀ ପରିଚାଳନା ଓ ଅଭ୍ୟାସ ସଙ୍କ୍ରାନ୍ତରେ ଅବଗତ ହେବେ, ଏହାର ସଂରକ୍ଷଣ ନିମନ୍ତେ ସାମିଲ ହେବେ ଏବଂ ପୃଥିବୀ ଦିବସରେ ପୃଥିବୀ ସଙ୍କ୍ରାନ୍ତୀୟ ଉତ୍ତମ ଅଭ୍ୟାସ ଓ ଆଚରଣ ପାଳନ ନିମନ୍ତେ ଉତ୍ସାହିତ ହେବେ। |
| ବିଶ୍ୱ ପରିବେଶ ଦିବସ ଜୁନ୍ ୫ | ସୁସ୍ଥ ଜୀବନଯାପନ, ଜୈବ ବିବିଧତା ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ହ୍ରାସ ଏବଂ ସମ୍ବଳ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି ଏବଂ ପ୍ରୋତ୍ସାହନ ପାଇଁ ବିଶ୍ୱ ପରିବେଶ ଦିବସ ପାଳନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। | ଜୈବ ବିବିଧତା ସଂରକ୍ଷଣ ସଙ୍କ୍ରାନ୍ତରେ ଜ୍ଞାନ ପ୍ରଦାନ ସହିତ ସଠିକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଇକୋ କ୍ଲବ ସଦସ୍ୟ ମାନଙ୍କୁ ଶିକ୍ଷା ପ୍ରଦାନ କରିବା। | » ପରିବେଶ ସଙ୍କ୍ରାନ୍ତରେ ସଚେତନତା ଅଭିଯାନ<br>» ବାରମ୍ବାର ବ୍ୟବହାର ଯୋଗ୍ୟ / ପୁନଃ ପ୍ରକ୍ରିୟାକରଣ ସଙ୍କ୍ରାନ୍ତରେ କର୍ମଶାଳା ଆୟୋଜନ।<br>» ବୃକ୍ଷରୋପଣ ।<br>» ପରିବେଶ ଅନୁକୂଳ କଳା ଓ ହସ୍ତଶିଳ୍ପ ପ୍ରକଳ୍ପ ପ୍ରସ୍ତୁତି<br>» କୁଇଜ୍ ପ୍ରତିଯୋଗିତା।<br>» ଚିତ୍ରାଙ୍କନ ପ୍ରତିଯୋଗିତା | ଛାତ୍ରଛାତ୍ରୀମାନେ ପରିବେଶ ସଙ୍କ୍ରାନ୍ତୀୟ ସମସ୍ୟା ସମ୍ବନ୍ଧରେ ସଚେତନ ହେବେ, ଏହାକୁ ଚିରସ୍ଥାୟୀ ରଖିବା ନିମନ୍ତେ ପ୍ରୟାସ କରିବେ , ସଂରକ୍ଷଣ ପଦକ୍ଷେପରେ ଅଂଶଗ୍ରହଣ କରିବେ ଏବଂ ବିଶ୍ୱ ପରିବେଶ ଦିବସରେ ଏକ ସୁନ୍ଦର ପୃଥିବୀ ସୃଷ୍ଟି ପାଇଁ ପ୍ରୟାସ କରିବେ। |

| ଗୁରୁତ୍ୱପୂର୍ଣ୍ଣ ଦିବସ | ଏହି ଦିନର ମହତ୍ତ୍ୱ | ଜୈବ ବିବିଧତାରା ସୁରକ୍ଷା (BD), ଜମି ଅବକ୍ଷୟକୁ ରୋକିବା (LD), ଜଳବାୟୁ ପରିବର୍ତ୍ତନ ହ୍ରାସ (CCM) ଏବଂ ସ୍ଥାୟୀ ଜଙ୍ଗଲ ପରିଚାଳନା (SFM) ସହ ସମନ୍ୱୟ | ପ୍ରସ୍ତାବିତ କାର୍ଯ୍ୟକଳାପ | ଶିକ୍ଷଣୀୟ ବିଷୟବସ୍ତୁ |
|---|---|---|---|---|
| ବନ ମହୋତ୍ସବ ସପ୍ତାହ ଜୁଲାଇ ୧-୭ | ବନ ମହୋତ୍ସବ ସପ୍ତାହ, ଯାହାକୁ ବୃକ୍ଷରୋପଣ ସପ୍ତାହ ମଧ୍ୟ କୁହାଯାଏ, ପରିବେଶ ସୁରକ୍ଷା, ବନୀକରଣ, ଜଙ୍ଗଲ ରକ୍ଷଣାବେକ୍ଷଣ ଏବଂ ବୃକ୍ଷର ଉପକାରିତା ବିଷୟରେ ସଚେତନତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହାଇଥାଏ। | ଜଙ୍ଗଲ ସମ୍ପଦ ଏବଂ ଜୈବ ବିବିଧତାର ସଂରକ୍ଷଣ ଏହି ଦିବସର ପ୍ରମୁଖ ଲକ୍ଷ୍ୟ ଏବଂ ଇକୋ କ୍ଲବ କାର୍ଯ୍ୟକାରୀ କରୁଥିବା ସ୍ଥାନୀୟ ପରିବେଶର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ପ୍ରଶମନ ଏବଂ ଗୁରୁତ୍ୱପୂର୍ଣ୍ଣ ସମ୍ବଳର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଯାହାଫଳରେ ଏହା ମୂଲ୍ୟବାନ ସମ୍ବଳର ଯତ୍ନ ଓ ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କ ବ୍ୟବହାରିକ ପରିବର୍ତ୍ତନରେ ସହାୟକ ହେବ। | » ଗୋଷ୍ଠୀ/ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଅଭିଯାନ<br>» ବୃକ୍ଷର ଯତ୍ନ ଓ ଜଙ୍ଗଲ ସଂରକ୍ଷଣ ଉପରେ କର୍ମଶାଳା<br>» ଗଛର ମହତ୍ତ୍ୱ ସଙ୍କ୍ରାନ୍ତରେ ଚିତ୍ର ଓ ପ୍ରବନ୍ଧ ପ୍ରତିଯୋଗିତା<br>» ଜଙ୍ଗଲ ସଂରକ୍ଷଣ ଉପରେ ବିଶେଷଜ୍ଞଙ୍କ ଦ୍ୱାରା ଆଲୋଚନା କାର୍ଯ୍ୟକ୍ରମ। | ବନ ମହୋତ୍ସବ ସପ୍ତାହରେ ବୃକ୍ଷରୋପଣ, ଜୈବ ବିବିଧତା ସଚେତନତା, ପରିବେଶର ସଠିକ ପରିଚାଳନା, ସ୍ଥାୟୀ ଅଭ୍ୟାସ ଏବଂ ଗୋଷ୍ଠୀ ନିୟୋଜନକୁ ପ୍ରୋତ୍ସାହିତ କରିବା। |
| ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଅକ୍ଟୋବର ୧-୭ | ବନ୍ୟପ୍ରାଣୀ ସପ୍ତାହ ପାଳନ ମାଧ୍ୟମରେ ଜୈବ ବିବିଧତା ସଂରକ୍ଷଣ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ସନ୍ତୁଳନରେ ବନ୍ୟପ୍ରାଣୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା। | ଇକୋ କ୍ଲବ୍ ବନ୍ୟପ୍ରାଣୀ ସପ୍ତାହ ପାଳନ ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷା, ସଚେତନତା, ବାସସ୍ଥାନ ପୁନରୁଦ୍ଧାର, ପକ୍ଷପୋଷଣ / ଓକିଲାତି, ସ୍ଥାୟୀ ଅଭ୍ୟାସ, ଜୈବ ବିବିଧତା ସଂରକ୍ଷଣ, ଜଙ୍ଗଲ ଏବଂ ପରିବେଶର ସୁରକ୍ଷାକୁ ପ୍ରଭାବିତ କରୁଥିବା ଇକୋ ସିଷ୍ଟମ ପରିଚାଳନାକୁ ପ୍ରୋତ୍ସାହିତ କରିବା। | » ବୃକ୍ଷରୋପଣ<br>» ରାଲି<br>» ବନ୍ୟପ୍ରାଣୀ ସଙ୍କ୍ରାନ୍ତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା ।<br>» ବନ୍ୟପ୍ରାଣୀ ସଂରକ୍ଷଣ ପ୍ରୟାସ ଉପରେ ଆଲୋଚନା କାର୍ଯ୍ୟକ୍ରମ। | ବନ୍ୟଜନ୍ତୁ ସଂରକ୍ଷଣ, ଜୈବ ବିବିଧତା, ବାସସ୍ଥାନ ସୁରକ୍ଷା ଏବଂ ପ୍ରକୃତିର ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀମାନେ ଶିକ୍ଷା ଲାଭ କରିପାରିବେ। |
| ବିଶ୍ୱ ମୃତ୍ତିକା ଦିବସ ଡିସେମ୍ବର ୫ | ବିଶ୍ୱ ମୃତ୍ତିକା ଦିବସ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ଜୈବ ବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଶମନକୁ ପ୍ରୋତ୍ସାହିତ କରିବା ଏବଂ ସୁରକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା। | ବିଶ୍ୱ ମୃତ୍ତିକା ଦିବସ ପାଳନ, ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷା, ସଂରକ୍ଷଣ, ଜୈବ ବିବିଧ ତାକୁ ପ୍ରୋତ୍ସାହିତ କରିବାରେ ସହଯୋଗ କରିବ ଯେଉଁଠାରେ ଛାତ୍ରଛାତ୍ରୀମାନେ ମୃତ୍ତିକା ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଉନ୍ନତ ପରିବେଶ ପରିଚାଳନାରେ ଏହାର ଭୂମିକା ବିଷୟରେ ସଚେତନ ହୋଇପାରିବେ। | » ବିଦ୍ୟାଳୟର ବଗିଚାରେ ମୃତ୍ତିକାର ସୁରକ୍ଷା ସମ୍ବନ୍ଧୀୟ ବୃକ୍ଷରୋପଣ / ଅନ୍ୟାନ୍ୟ କାର୍ଯ୍ୟକଳାପ<br>» ମୃତ୍ତିକା ସ୍ୱାସ୍ଥ୍ୟ ଓ ସଂରକ୍ଷଣ ଉପରେ ଶିକ୍ଷାଗତ ଆଲୋଚନା ।<br>» ମୃତ୍ତିକା ଭିତ୍ତିକ ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତା | ବିଶ୍ୱ ମୃତ୍ତିକା ଦିବସରେ ଛାତ୍ରଛାତ୍ରୀମାନେ ମୃତ୍ତିକା ସଂରକ୍ଷଣ, କୃଷିରେ ଏହାର ଭୂମିକା, ସ୍ଥାୟୀ ଚାଷ ଏବଂ ସୁସ୍ଥ ମୃତ୍ତିକାର ପରିବେଶ ପାଇଁ ଗୁରୁତ୍ୱ ସମ୍ବନ୍ଧରେ ସଚେତନ ହୋଇପାରିବେ। |

ବି.ଦ୍ର: : ଇକୋ କ୍ଲବକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଅଛି  କିନ୍ତୁ ଇକୋ-କ୍ଲବ ପ୍ରସଙ୍ଗ ଏବଂ ସୁବିଧା ଅନୁଯାୟୀ ଗୋଟିଏ କିମ୍ବା ଏକାଧିକ କାର୍ଯ୍ୟକ୍ରମ ଚୟନ କରିପାରିବେ।

# ପରିବେଶର ସ୍ଥାୟିତ୍ୱ ନିମନ୍ତେ ବିଭିନ୍ନ ପଦକ୍ଷେପ ...



ଆମ ପୃଥିବୀକୁ ସୁରକ୍ଷା ଦେବା - ଇକୋ କ୍ଲବରେ ଯୋଗଦାନ କରିବା



ଆମ ଧରାର ସବୁଜିମା ପାଇଁ - ବୃକ୍ଷ ରୋପଣ କରିବା



ସବୁଜ ଶକ୍ତିକୁ ଆପଣେଇବା




ମିଳିତ ଭାବରେ ଆମ ପୃଥିବୀର ସୁରକ୍ଷା କରିବା



ଆମ ପୃଥିବୀର ସୁରକ୍ଷା କରିବା



ପୁନଃ ବ୍ୟବହାର ଯୋଗ୍ୟ ପଦାର୍ଥ ବ୍ୟବହାର କରିବା